# ମୋଧୁସୁଦନୋ ମୋଲାନା

## ବନାମ

## କୋନ୍ତାରୁ ନାଇକୋ ଏବଂ ଅନ୍ୟମାନେ

***ଅଗଷ୍ଟ 6,1965***

**[କେ. ସୁବ୍ବା ରାଓ, ରଘୁବର ଦୟାଲ ଏବଂ ଆର. ଏସ. ବଚାୱତ, ନ୍ୟାୟମୂର୍ତ୍ତି ବୃନ୍ଦ]**

*ଓଡ଼ିଶା ଅର୍ଥ - ଋଣଦାତା ଅଧିନିୟମ, 1939 (1939ର ଅଧିନିୟମ 3), ଧାରା 5 ( 4):ଓଡ଼ିଶା ଅର୍ଥ ଋଣଦାତା ନିୟମ, 1939, ନିୟମ 5 - କାରବାରରେ ସର୍ବାଧିକ ପୁଞ୍ଜି ନିବେଶ ପାଇଁ ବ୍ୟବସ୍ଥା କରୁଥିବା ଅଧିନିୟମ 5 ଅନୁଯାୟୀ ପଞ୍ଜୀକରଣ ପ୍ରମାଣପତ୍ର -- ଅଧିନିୟମରେ କୌଣସି ବ୍ୟବସ୍ଥା ନାହିଁ- ସର୍ବାଧିକ ପୁଞ୍ଜି ପାଇଁ ବ୍ୟବସ୍ଥା କରୁଥିବା ନିୟମ ବୈଧ କି ।*

6000 ଟଙ୍କା ପାଇଁ ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ନିଷ୍ପାଦିତ ଏକ ବଚନ ପତ୍ରରେ ବକେୟା ଥିବା 8216 ଟଙ୍କା ଆଦାୟ କରିବା ପାଇଁ ଆବେଦନକାରୀ ଉତ୍ତରଦାତାମାନଙ୍କ ବିରୋଧରେ ଏକ ମକଦ୍ଦମା ଦାୟର କରିଥିଲେ । ପ୍ରତିରକ୍ଷା ପାଇଁ ଏହି ଆଳ ନିଆଯାଇଥିଲା ଯେ ପଞ୍ଜୀକରଣ ପ୍ରମାଣପତ୍ର ଦ୍ୱାରା ବ୍ୟବସାୟରେ ନିବେଶ କରିବା ପାଇଁ ଆବେଦନକାରୀଙ୍କୁ ପ୍ରାଧିକୃତ ହୋଇଥିବା ସର୍ବାଧିକ 2000 ଟଙ୍କା ଠାରୁ ଋଣ ଆକାରରେ ଦିଆଯାଇଥିବା ଅର୍ଥ ଅଧିକ ଥିବା କାରଣରୁ ଓଡ଼ିଶା ଅର୍ଥ ଋଣଦାତା ଅଧିନିୟମ, 1939 ର ଧାରା 5(4) ଏବଂ ନିୟମ 5 ଅନୁଯାୟୀ ଅବେଦନକାରୀଙ୍କର ପଞ୍ଜୀକରଣ ଅସିଦ୍ଧ ହୋଇଥିଲା ଏବଂ ତେଣୁ ମକଦ୍ଦମା ଗ୍ରହଣଯୋଗ୍ୟ ନଥିଲା । ଏହି ଯୁକ୍ତିକୁ ବିଚାରଣ ନ୍ୟାୟାଳୟ ଗ୍ରହଣ କରିନଥିଲେ କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହାକୁ ଗ୍ରହଣ କରି ମକଦ୍ଦମାକୁ ଖାରଜ କରିଦେଇଥିଲେ । ଏହି ନ୍ୟାୟାଳୟ ସମ୍ମୁଖରେ, ସ୍ୱତନ୍ତ୍ର ଅନୁମତି ଦ୍ୱାରା, ଆବେଦନକାରୀଙ୍କ ତରଫରୁ ଏହି ଅନୁରୋଧ କରାଯାଇଥିଲା ଯେ ନିବେଶ କରାଯିବାକୁ ଥିବା ପୁଞ୍ଜିର ପରିମାଣ ଉପରେ କୌଣସି ପ୍ରତିବନ୍ଧକ ପାଇଁ ମୁଖ୍ୟ ଅଧିନିୟମ ବ୍ୟବସ୍ଥା କରିନଥିଲା ଏବଂ ଏପରି ବ୍ୟବସ୍ଥା କରିବାରେ ନିୟମଗୁଡିକ ଅଧିନିୟମ ବାହାରେ ଥିଲା ।

**ବିଚାର କରାଯାଇଛି** : ମୁଦ୍ରା ଋଣ କାରବାରରେ ନିବେଶ କରିବାକୁ ଜଣେ ଋଣଦାତାଙ୍କୁ ସର୍ବାଧିକ ପୁଞ୍ଜି ନିର୍ଦ୍ଧାରଣ କରିବା ପାଇଁ ବ୍ୟବସ୍ଥା କରିଥିବା ଅଧିନିୟମରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁପସ୍ଥିତି ପରିପ୍ରେକ୍ଷୀରେ ଏକ ନିୟମ ପ୍ରସ୍ତୁତ କରିବା ରାଜ୍ୟ ସରକାରଙ୍କ ପାଇଁ ଉନ୍ମୁକ୍ତ ନଥିଲା ଏବଂ ସର୍ବାଧିକ ପୁଞ୍ଜି ଯେଉଁଥିପାଇଁ ପଞ୍ଜୀକରଣ ପ୍ରମାଣପତ୍ର ଆବଶ୍ୟକ ଅବେଦନରେ ତାହାର ଉଲ୍ଲେଖ ସମ୍ବନ୍ଧରେ ଏହାଙ୍କ ଦ୍ୱାରା ପ୍ରସ୍ତୁତ ନିୟମ ଏବଂ ପ୍ରମାଣପତ୍ରରେ ସର୍ବାଧିକ ପୁଞ୍ଜିର ଉଲ୍ଲେଖ କରି ମଞ୍ଜୁର କରାଯାଇଥିବା ପ୍ରମାଣପତ୍ର, ଏହି ଉପସଂହାରରେ ପହଞ୍ଚିବ ନାହିଁ ଯେ ଯଦି ପଞ୍ଜିକରଣ ପ୍ରମାଣପତ୍ରରେ ଧାର୍ଯ୍ୟ ହୋଇଥିବା ସର୍ବାଧିକ ପୁଞ୍ଜିର ସୀମା ସେ ଅତିକ୍ରମ କରନ୍ତି ତେବେ ଋଣଦାତାଙ୍କ ପଞ୍ଜୀକରଣ ଅସିଦ୍ଧ ହୋଇଯିବ ।

***ସନ୍ଥ ସରଣଲାଲ ବନାମ ପର୍ଶୁରାମ ସାହୁ,*** [1966] 1 ଏସ୍. ସି. ଆର୍. 335, ନିର୍ଭରଶୀଳତା ରଖାଯାଇଛି ।

ଦେୱାନୀ ଆବେଦନ ଅଧିକରିତା: ଦେୱାନୀ ଆବେଦନ ସଂଖ୍ୟା 167/1964

1959 ର ପ୍ରଥମ ଆବେଦନ ସଂଖ୍ୟା 61/1959 ରେ ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ 11 ଏପ୍ରିଲ, 1962 ର ରାୟ ଏବଂ ଡିକ୍ରୀରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ ।

*ଆବେଦନକାରୀଙ୍କ ପାଇଁ ଏ. ଭି. ବିଶ୍ୱନାଥ ଶାସ୍ତ୍ରୀ ଏବଂ ଟି. ଭି. ଆର୍. ଟାଟାଚାରୀ ।*

*ଉତ୍ତରଦାତାଙ୍କ ସଂଖ୍ୟା 1 ଏବଂ 2 ପାଇଁ ଏ. ଏନ୍. ସିହ୍ନା ଏବଂ ବି. ପି. ଝା ।*

ନ୍ୟାୟାଳୟଙ୍କର ରାୟ **ନ୍ୟାୟମୂର୍ତ୍ତି ରଘୁବର ଦୟାଲଙ୍କ,** ଦ୍ୱାରା ପ୍ରଦାନ କରାଯାଇଥିଲା । ଅଧସ୍ତନ ବିଚାରପତିଙ୍କ ନ୍ୟାୟାଳୟ,ବ୍ରହ୍ମପୁରଙ୍କ ଡିକ୍ରିକୁ ଖଣ୍ଡନ ଏବଂ 6, 000 ଟଙ୍କା ପାଇଁ ପ୍ରତିବାଦୀ କୋନ୍ତାରୁ ନାଇକୋଙ୍କ ଦ୍ୱାରା ନିଷ୍ପାଦିତ ଏକ ବଚନ ପତ୍ର ଉପରେ ବକେୟା ଥିବା 8,216 ଟଙ୍କା ଆଦାୟ ପାଇଁ ହୋଇଥିବା ବାଦୀଙ୍କ ମକଦ୍ଦମାକୁ ଖାରଜ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଡିକ୍ରି ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ବାଦୀ ଋଣଦାତା ଓଡ଼ିଶା ଅର୍ଥ ଋଣଦାତା ଅଧିନିୟମ, 1939ର (1939ର ଅଧିନିୟମ 3) ଯାହାକୁ ଏହା ପରେ ଅଧିନିୟମ ବୋଲି କୁହାଗଲା, ଧାରା 5 (4) ଓ  ନିୟମ 5 ଏବଂ ସେଥିରେ ଥିବା ସର୍ତ୍ତାବଳୀ ଅନୁଯାୟୀ ମାର୍ଚ୍ଚ 31,1952 ମସିହାରେ  ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିଥିଲେ । ସେ 1955 ମସିହାରେ ଆଉ ଏକ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିଥିଲେ ଯେଉଁଥିରେ କୁହାଯାଇଥିଲା ଯେ ପ୍ରମାଣପତ୍ର ପାଇଁ ମଞ୍ଜୁର ହୋଇଥିବା ସର୍ବାଧିକ ପୁଞ୍ଜି ହେଉଛି 8,000 ଟଙ୍କା ।

ବାଦୀ ମେ 19, 1954 ମସିହାରେ ପ୍ରତିବାଦୀ 1 କୁ ଋଣ ପ୍ରଦାନ କରିଥିଲେ ଏବଂ ଏହି ଋଣ ଉପରେ ବକେୟା ପରିମାଣର ପୁନରୁଦ୍ଧାର ପାଇଁ ମକଦ୍ଦମା ଦାୟର କରିଥିଲେ । ପ୍ରତିବାଦୀଙ୍କ ପାଇଁ ଏହା ଯୁକ୍ତି କରାଯାଇଥିଲା ଯେ ମକଦ୍ଦମା ଗ୍ରହଣୀୟ ନଥିଲା କାରଣ 1952 ମସିହାରେ ବାଦୀ ଆବଶ୍ୟକ କରିଥିବା ପଞ୍ଜୀକରଣ ପ୍ରମାଣପତ୍ରର ସର୍ବାଧିକ ପୁଞ୍ଜି  2000 ଟଙ୍କା  ଥିଲା ଏବଂ ଏହି ଅଧିନିୟମର ବ୍ୟବସ୍ଥା ଏବଂ ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମ ଅନୁଯାୟୀ, ସେ ସେହି ପରିମାଣରୁ  ଅଧିକ ଋଣ ପ୍ରଦାନ କରି ପାରିନଥାନ୍ତେ ଏବଂ ଏହା ଯେ ତାଙ୍କର ଏପରି କରିବା ଦ୍ୱାରା ଅର୍ଥ ଋଣଦାତା ଭାବରେ ଆବେଦନକାରୀଙ୍କ ପଞ୍ଜୀକରଣ ଅସିଦ୍ଧ  ହୋଇଯାଇଥିଲା ଏବଂ ସେଥିପାଇଁ 2000 ଟଙ୍କାର ପୁନରୁଦ୍ଧାର ପାଇଁ ଦାୟର କରାଯାଇଥିବା ମକଦ୍ଦମା ମଧ୍ୟ ଗ୍ରହଣଯୋଗ୍ୟ ନଥିଲା । ଏହି ଯୁକ୍ତିଗୁଡ଼ିକ ବିଚାରଣ ନ୍ୟାୟଳୟ ଦ୍ୱାରା ଗ୍ରହଣ କରାଯାଇ ନଥିଲା, ଯାହା ପ୍ରତିବାଦୀ ବିରୋଧରେ ହୋଇଥିବା ମକଦ୍ଦମାର ଫଇସଲା କରି ଏହି ନିର୍ଦ୍ଦେଶ ଦିଆଯାଇଥିଲା ଯେ ପ୍ରତିବାଦୀ ସଂଖ୍ୟା 2 ଏବଂ 3 ପ୍ରତିବାଦୀ ସଂଖ୍ୟା 1 ର ପୁଅ ବ୍ୟକ୍ତିଗତ ଭାବରେ ଉତ୍ତରଦାୟୀ ନୁହଁନ୍ତି ମାତ୍ର ସେମାନଙ୍କ ପହଞ୍ଚରେ ଥିବା ପିତାଙ୍କ ସମ୍ପତ୍ତିର ଉତ୍ତରଦାୟୀ । ତେବେ ଉଚ୍ଚ ନ୍ୟାୟାଳୟ ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରି ପ୍ରତିବାଦୀମାନଙ୍କର ଉପରୋକ୍ତ ଯୁକ୍ତି ଗ୍ରହଣ କରିଥିଲେ ଏବଂ ମକଦ୍ଦମାକୁ ଖାରଜ କରିଦେଇଥିଲେ ।

ଆବେଦନକାରୀଙ୍କ ତରଫରୁ ଏକମାତ୍ର ଯୁକ୍ତି ଯେ 1954 ରେ ଅତିରିକ୍ତ 2000 ଟଙ୍କାର  ଅଗ୍ରୀମ ଋଣ ମକଦ୍ଦମାରେ ଦିଆଯାଇଥିବାରୁ ମାର୍ଚ୍ଚ 1952 ରେ ଏକ ପଞ୍ଜୀକୃତ ଋଣଦାତା ଭାବରେ ଆବେଦନକାରୀଙ୍କ ପଞ୍ଜୀକରଣ ଅବୈଧ ଥିଲା ବୋଲି ବିଚାର କରି ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ ଏବଂ ପଞ୍ଜୀକରଣ ପ୍ରମାଣପତ୍ର ଆବଶ୍ୟକ କରୁଥିବା ଅଧିକତମ ପୁଞ୍ଜି ଠାରୁ ସେ ଅତିରିକ୍ତ ଋଣ ପ୍ରଦାନ କରିପାରି ନଥାନ୍ତେ ବୋଲି ବିଚାର କରିବାରେ ଉଚ୍ଚ ନ୍ୟାୟଳୟ ତୃଟିପୂର୍ଣ୍ଣ ଥିଲେ ।

ଏହି ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ଏବେ ନିର୍ଦ୍ଧାରଣ କରାଯାଇପାରେ । 'ପୁଞ୍ଜି' ର ଅର୍ଥ ହେଉଛି ଋଣଦାତା ମୁଦ୍ରା ଋଣ କାରବାରରେ ଯାହା ନିବେଶ କରନ୍ତି, ତାହା ଅର୍ଥ ହେଉ କିମ୍ବା କୌଣସି ପ୍ରକାରେ ହେଉ ଯାହା ଧାରା 2(c) ରେ ବ୍ୟାଖ୍ୟା କରାଯାଇଛି । 'ଧାରା 2 (m) ଅନୁଯାୟୀ 'ପଞ୍ଜୀକୃତ ଋଣଦାତା' ଅର୍ଥ ହେଉଛି ଜଣେ ବ୍ୟକ୍ତି ଯାହାଙ୍କୁ ଧାରା 5 ଅନୁଯାୟୀ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଧାରା 5 ରେ ଋଣଦାତାଙ୍କ ପଞ୍ଜୀକରଣ ଏବଂ ପଞ୍ଜୀକରଣ ଶୁଳ୍କ ବ୍ୟବସ୍ଥା ରହିଛି । ପଞ୍ଜୀକରଣ ପାଇଁ ଆବେଦନକାରୀଙ୍କୁ ଆବେଦନରେ ସେହି ଉପଧାରାରେ ଉଲ୍ଲେଖିତ ସବିଶେଷ ବିବରଣୀ ଏବଂ ନିର୍ଦ୍ଧାରିତ ହୋଇଥିବା ପରି ଅନ୍ୟାନ୍ୟ ବିବରଣୀ ଉଲ୍ଲେଖ କରିବା ପାଇଁ ଉପ ଧାରା (1) ଆବଶ୍ୟକ କରିଥାଏ । ଉପ-ଧାରା (3) ପ୍ରାଦେଶିକ ସରକାରଙ୍କୁ ବିଭିନ୍ନ ବର୍ଗର ଋଣଦାତା ଏବଂ ବିଭିନ୍ନ କ୍ଷେତ୍ର ପାଇଁ ନିୟମ ଅନୁଯାୟୀ ପଞ୍ଜୀକରଣ ଶୁଳ୍କ

ନିର୍ଦ୍ଧାରଣ କରିବାକୁ କ୍ଷମତା ପ୍ରଦାନ କରିଥାଏ, ପଞ୍ଜୀକରଣ ପାଇଁ ଜଣେ ଦରଖାସ୍ତକାରୀଙ୍କ ଦ୍ୱାରା 25 ଟଙ୍କାରୁ ଅଧିକ ଟଙ୍କା ପ୍ରଦାନ କରାଯିବ ନାହିଁ । ଉପ-ଧାରା (4) ଉପ - ନିବନ୍ଧକ ଙ୍କୁ ଦରଖାସ୍ତକାରୀ ନିର୍ଦ୍ଧାରିତ ଫର୍ମରେ ପଞ୍ଜୀକରଣ ପ୍ରଦାନ କରିବାକୁ କ୍ଷମତା ପ୍ରଦାନ କରେ, କେବଳ ଯେଉଁଠାରେ ଧାରା 18 ଅନୁଯାୟୀ ତାଙ୍କୁ ପୂର୍ବରୁ ଦିଆଯାଇଥିବା ପ୍ରମାଣପତ୍ର ବାତିଲ ହୋଇଛି ଏବଂ ବାତିଲ ଆଦେଶ ବଳବତ୍ତର ଅଛି । ଧାରା 6 ଅଧିନିୟମିତ କରେ ଯେ ମଞ୍ଜୁର ହୋଇଥିବା ପଞ୍ଜୀକରଣ ପ୍ରମାଣପତ୍ର ମଞ୍ଜୁର ତାରିଖ ଠାରୁ 5 ବର୍ଷ ପାଇଁ ବଳବତ୍ତର ରହିବ । ଧାରା 7ରେ ପଞ୍ଜୀକୃତ ଋଣଦାତାଙ୍କ ହିସାବ ପରିଚାଳନା ଏବଂ ରସିଦ ପ୍ରଦାନ କରିବାର ବ୍ୟବସ୍ଥା ରହିଛି ।

ଧାରା 8 ଯାହା ପଞ୍ଜୀକୃତ ଋଣଦାତାମାନଙ୍କ ଦ୍ୱାରା ଋଣ ଆଦାୟ ପାଇଁ ମକଦ୍ଦମା ଦାୟର କରିବାର ବ୍ୟବସ୍ଥା କରେ ତାହା ହେଉଛି :

> "*କେବଳ ପଞ୍ଜୀକୃତ ଋଣଦାତାଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ଋଣର ପୁନରୁଦ୍ଧାର ପାଇଁ ହୋଇଥିବା ମକଦ୍ଦମା* :-ଏହି ଧାରା ବଳବତ୍ତର ହେବାର ତାରିଖ ପରେ ଜଣେ ଋଣଦାତା ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଋଣର ପୁନରୁଦ୍ଧାର ପାଇଁ ଏକ ମକଦ୍ଦମା ଦାୟର କରିବାକୁ ହକଦାର ହେବେ ନାହିଁ, ଯଦି ସେ ଏହି ଅଧିନିୟମ ଅନୁଯାୟୀ ପଞ୍ଜୀକୃତ ହୋଇନଥାନ୍ତି ଯେତେବେଳେ ଏହି ଋଣ ପ୍ରଦାନ କରାଯାଇଥିଲା:
>
> ଉଲ୍ଲେଖିତ ହୋଇଛି ଯେ, ଜଣେ ଋଣଦାତା ଏହି ଧାରା ଲାଗୁ ହେବାର ଦୁଇ ବର୍ଷ ମଧ୍ୟରେ ଯେକୌଣସି ସମୟରେ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଋଣ ଆଦାୟ କରିବା ପାଇଁ ଏକ ମକଦ୍ଦମା ଦାୟର କରିବାର ଅଧିକାରୀ ହେବେ, ଯଦି ତାଙ୍କୁ ଉକ୍ତ ବର୍ଷ ଶେଷ ହେବାର କୌଣସି ସମୟରେ ଧାରା 5 ଅନୁଯାୟୀ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ ।"

ଯେଉଁ ସର୍ବାଧିକ ହାରରେ ସୁଧ ଫଇସଲା କରାଯାଇପାରେ ଧାରା 9 ତାର ବ୍ୟବସ୍ଥା କରେ । ଏହି ଅଧିନିୟମର ଉଦ୍ଦେଶ୍ୟକୁ ହାସଲ କରିବା ନିମିତ ବିଧାନମଣ୍ଡଳ ଅନ୍ୟାନ୍ୟ ବିଷୟଗୁଡ଼ିକ ସହିତ ଅନ୍ୟାନ୍ୟ ବିଭାଗଗୁଡ଼ିକର କାର୍ଯ୍ୟ କରିବା ବ୍ୟବସ୍ଥା କରିବାକୁ ଉଚିତ ବୋଲି ଭାବୁଥିଲେ, ଯାହା ପ୍ରସ୍ତାବନା ଅନୁଯାୟୀ, ଓଡ଼ିଶା ରାଜ୍ୟରେ ମୁଦ୍ରା-ଋଣ କାରବାରକୁ ନିୟନ୍ତ୍ରଣ କରେ ଏବଂ ଋଣଗ୍ରହୀତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥାଏ ।

ଓଡ଼ିଶା ଅର୍ଥ-ଋଣଦାତା ନିୟମ, 1939 ର ନିୟମ 1, ଧାରା (c), 'ସର୍ବାଧିକ ପୁଞ୍ଜି' କୁ ବ୍ୟାଖ୍ୟା କରେ, ଯାହାର ଅର୍ଥ ହେଉଛି ପୁଞ୍ଜି ରାଶିର ସର୍ବାଧିକ ମୋଟ ପରିମାଣ ଯାହା ପଞ୍ଜୀକରଣ ପ୍ରମାଣପତ୍ରର ଅବଧି ମଧ୍ୟରେ ଯେକୌଣସି ଦିନ ଏକ ମୁଦ୍ରା-ଋଣ ବ୍ୟବସାୟରେ ବିନିଯୋଗ ହୋଇପାରେ । ନିୟମ 3, ଖଣ୍ଡ(iii), ଜଣେ ଋଣଦାତାଙ୍କ ପଞ୍ଜୀକରଣ ପାଇଁ ପ୍ରତ୍ୟେକ ଆବେଦନରେ ସର୍ବାଧିକ ପୁଞ୍ଜି ଉଲ୍ଲେଖ କରିବାକୁ ଆବଶ୍ୟକ କରେ ଯାହା ପାଇଁ ପ୍ରମାଣପତ୍ର ଆବଶ୍ୟକ । ନିୟମ 4 ରେ ଦେୟ ହେବାକୁ ଥିବା ପଞ୍ଜୀକରଣ ଶୁଳ୍କ ଧାର୍ଯ୍ୟ ହୋଇଛି ଏବଂ ସର୍ବାଧିକ ପୁଞ୍ଜି ଅନୁଯାୟୀ ଶୁଳ୍କ ସ୍ଥିର ହୋଇଥାଏ ଯାହା ସମ୍ବନ୍ଧରେ ଏହିପରି ପ୍ରମାଣପତ୍ର ପାଇଁ ଏକ ଆବେଦନ କରାଯାଏ । ନିୟମ 5 ବ୍ୟବସ୍ଥା କରେ ଯେ ପଞ୍ଜୀକରଣ ପ୍ରମାଣପତ୍ର ଫର୍ମ III ରେ ରହିବ ଏବଂ ପଞ୍ଜୀକରଣ ପ୍ରମାଣପତ୍ରର ପ୍ରଚଳନ ସମୟରେ ଉଚ୍ଚତର ମୂଲ୍ୟର ପଞ୍ଜୀକରଣ ପ୍ରମାଣପତ୍ର ପାଇଁ ଦରଖାସ୍ତକାରୀ ଦ୍ୱାରା ପୂର୍ବରୁ ପ୍ରଦାନ କରାଯାଇଥିବା ପଞ୍ଜୀକରଣ ଶୁଳ୍କ ଉପରେ ପତିଆରା ଦିଆଯାଇ ଆବେଦନ କରାଯାଇପାରେ ଏବଂ ନିୟମ 3 ରୁ 5 ର ବ୍ୟବସ୍ଥା ଯେତେଦୂର ସମ୍ଭବ ଏଥିରେ ପ୍ରୟୋଗ କରାଯାଇପାରେ ।

ଏହି ମାମଲାର ନିଷ୍ପତି ବାସ୍ତବରେ ସେହି ସମାନ ପ୍ରକାର, ଯାହା ସନ୍ଥ *ଶରଣଲାଲ ବନାମ ପର୍ଶୁରାମ ସାହୁ*[1] ମାମଲାରେ ଏହି ଅଦାଲତରେ ନିଷ୍ପତି  ନିଆଯାଇଥିଲା ଯେଉଁଥିରେ ଆଜି ରାୟ ପ୍ରଦାନ କରାଯାଇଛି । ବିହାର ଅର୍ଥ-ଋଣଦାତା ଅଧିନିୟମ, 1938 ଏବଂ ବିହାର ଅର୍ଥ-ଋଣଦାତା (କାରବାର ନିୟନ୍ତ୍ରଣ) ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା 1938 ପ୍ରାୟତଃ ଉପରୋକ୍ତ ଓଡ଼ିଶା ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା ସହିତ ସମାନ । ସେହି ମାମଲାରେ ଆମେ ଯାହା କହିଛୁ ତାହା ଉପଯୁକ୍ତ ଭାବରେ ଏହି ମାମଲାରେ ପକ୍ଷଗୁଡ଼ିକର ଯୁକ୍ତିକୁ ଅନ୍ତର୍ଭୁକ୍ତ କରେ । ତେଣୁ ଆମେ ଏହି ମାମଲାରେ ଥିବା ବିଭିନ୍ନ ଯୁକ୍ତିର ଆଲୋଚନାକୁ ପୁନରାବୃତ୍ତି କରିବା ଆବଶ୍ୟକ ବୋଲି ବିବେଚନା କରୁନାହୁଁ ।

ଆମର ମତ ହେଉଛି ଯେ ଏହି ଅଧିନିୟମରେ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ଅନୁପସ୍ଥିତିରେ ଏହି ମାମଲାରେ ସର୍ବାଧିକ ପୁଞ୍ଜି ସ୍ଥିର କରିବାର ବ୍ୟବସ୍ଥା ରହିଛି ଯାହା ଜଣେ ଋଣଦାତା ମୁଦ୍ରା-ଋଣ କାରବାରରେ ନିବେଶ କରିପାରିବେ । ଏହି ପରିପ୍ରେକ୍ଷୀରେ ଏକ ନିୟମ ପ୍ରସ୍ତୁତ କରିବା ରାଜ୍ୟ ସରକାରଙ୍କ ପାଇଁ ଉନ୍ମୁକ୍ତ ନଥିଲା ଏବଂ ଆବେଦନରେ, ସର୍ବାଧିକ ପୁଞ୍ଜି, ଯେଉଁଥିପାଇଁ ପଞ୍ଜୀକରଣ ପ୍ରମାଣପତ୍ର ଆବଶ୍ୟକ ଥିଲା, ଏବଂ ସର୍ବାଧିକ ପୁଞ୍ଜିର ପରିମାଣର ପ୍ରମାଣପତ୍ରରେ ଉଲ୍ଲେଖ ବିଷୟରେ ଏହା ଦ୍ୱାରା ପ୍ରସ୍ତୁତ ନିୟମ, ଯାହା ପାଇଁ ପ୍ରମାଣପତ୍ର ମଞ୍ଜୁର ହୋଇଛି, ଏହି ନିଷ୍କର୍ଷରେ ପହଞ୍ଚିବ ନାହିଁ ଯେ ଯଦି ପଞ୍ଜିକରଣ ପ୍ରମାଣପତ୍ରରେ ଧାର୍ଯ୍ୟ ହୋଇଥିବା ସର୍ବାଧିକ ପୁଞ୍ଜିର ସୀମା ଅତିକ୍ରମ କରେ ତେବେ ଋଣଦାତାଙ୍କ ପଞ୍ଜୀକରଣ ଅବୈଧ ହୋଇଯିବ ।

ପଞ୍ଜୀକରଣ ପ୍ରମାଣପତ୍ରର ପ୍ରଚଳନ ସମୟରେ ପ୍ରାପ୍ତ ଉଚ୍ଚ ମୂଲ୍ୟର ପଞ୍ଜୀକରଣ ପ୍ରମାଣପତ୍ରର ପିଛିଲା କାର୍ଯ୍ୟକାରିତା ସମ୍ବନ୍ଧରେ ଉଠାଯାଇଥିବା ଅନ୍ୟ ପ୍ରସଙ୍ଗ ଉପରେ ନିଷ୍ପତ୍ତି ନେବା ବର୍ତ୍ତମାନ ଆବଶ୍ୟକ ବୋଲି ଆମେ ବିବେଚନା କରୁନାହୁଁ ।

ତଦନୁସାରେ ଆମେ ଆବେଦନକୁ ଅନୁମତି ଦେଉଛୁ, ନିମ୍ନ ନ୍ୟାୟାଳୟର ଡିକ୍ରିକୁ ରଦ୍ଦ କରାଗଲା ଏବଂ ବିଚାରଣ ନ୍ୟାୟାଳୟର ଡିକ୍ରିକୁ ପୁନରୁଦ୍ଧାର କରାଗଲା । ଏହି ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ଖର୍ଚ୍ଚ ପ୍ରଦାନ କରିବାକୁ ଆମେ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେଉଛୁ ।

ଆବେଦନକୁ ଅନୁମତି ଦିଆଗଲା

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା
ତପସ୍ୱିନୀ ବିଶ୍ୱାଳ
ଉଚ୍ଚ ନ୍ୟାୟାଳୟ ଓଡିଶା

---

[1] [1966] 1 ଏସ୍.ସି.ଆର୍. 335.